# The Central Truth
# of
# Integral Education

"Many times in his writings, particularly in *The Synthesis of Yoga*, *Sri Aurobindo* warns us against the imaginings of those who believe they can do *sadhana* **without rigorous self-control** and who heed all sorts of inspirations, which lead them to a dangerous imbalance where all their repressed, hidden, secret desires come out into the open under the pretence of liberation from ordinary conventions and ordinary reason."

**The Mother**

The Mother's Centenary Works (second edition)/10/p-15,

Founder Editor: S.A. Maa Krishna,
Sri Matriniketan Ashram Sri Aurobindo Centre,
Managed by The Mother's International Centre Trust,
Regd.No-146/24.11.97. Vill: Ramachandrapur, PO: Kukudakhandi-761100,
Via: Brahmapur, Dist: Ganjam, State: Odisha, India
https://www.srimatriniketanashram.com
https://www.srimatriniketanashram.com/education/odia-section

# ପୂର୍ଣ୍ଣାଙ୍ଗ ଶିକ୍ଷାର କେନ୍ଦ୍ରୀୟ ସତ୍ୟ

Edited by B. Bhagyashree

"ବେଳେବେଳେ, ହଠାତ୍, ମୁଁ ନିଜକୁ ଶକ୍ତିର ଏକ ଭୟାନକ ସଂକେନ୍ଦ୍ରଣ (concentration) ଭାବରେ ଦେଖେ, ଏକ ଅନ୍ତର ସଂକେନ୍ଦ୍ରଣ ଓ ଏକାଗ୍ରତା ଯାହାକି ମୋତେ ଠେଲି ଠେଲି ନେଇଯାଏ ଅନ୍ୟ ଏକ ଜଗତକୁ | ଏହା ମୋ ସହିତ ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ, ଯେକୌଣସି ମୁହୂର୍ତ୍ତରେ ଘଟେ - ମୁଁ ଦେଖେ ଏକ ସଂପୂର୍ଣ୍ଣ ଚେତନା ଏକ ଭୟଙ୍କର ଶକ୍ତିରେ ଏକତ୍ରିତ ହୋଇ ଠେଲି, ଠେଲି, ଅନ୍ୟ ଜଗତକୁ ନେଇଯାଏ | ଯେତେବେଳେ ଆମେ ଅନ୍ୟ ପାର୍ଶ୍ୱରେ ଥିବା ସୂକ୍ଷ୍ମ ଜଗତକୁ ଯାଉ, ସେତେବେଳେ, ଏହି ବାହାର ଜଗତର ସବୁ କିଛି ଠିକ୍ ଓ ସଂଗତି ପୂର୍ଣ୍ଣ ହୋଇଯାଏ।"

ଶ୍ରୀମା'

The Mother's Agenda/27th June, 1961

ପୂର୍ଣ୍ଣାଙ୍ଗ ଶିକ୍ଷାର କେନ୍ଦ୍ରୀୟ ସତ୍ୟ ହେଉଛି **Concentration,** ଯାହାକୁ ଓଡ଼ିଆରେ ଏକାଗ୍ରତା ଏବଂ ସଂସ୍କୃତରେ ସଂଯମ କୁହାଯାଏ। ଶ୍ରୀମଦ୍ ଭଗବତ୍ ଗୀତାର ଭାଷାରେ ଉର୍ଦ୍ଧ୍ୱ ପ୍ରକୃତି ଦ୍ୱାରା ନିମ୍ନପ୍ରକୃତିର ନିୟନ୍ତ୍ରଣକୁ ସଂଯମ କୁହାଯାଏ। ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଧାନ ସୂତ୍ର କିମ୍ବା ମହା ମନ୍ତ୍ର ହେଲା:-"All life is Education." ଅର୍ଥାତ୍ "ସମଗ୍ର ଅନନ୍ତ ଜୀବନ ହେଉଛି ନିତ୍ୟ ପ୍ରଶିକ୍ଷଣ," ଅର୍ଥାତ୍ ସମଗ୍ର ଅନନ୍ତ ଜୀବନର, ଅନନ୍ତ ସମୟ ହେଉଛି ଏକ ନିରନ୍ତର ପ୍ରଶିକ୍ଷଣ ଯେଉଁଠି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ଜୀବନଟି, ସମଗ୍ର ଅନନ୍ତ ସମୟର ଏକ ଛୋଟିଆ ଅଂଶ ବିଶେଷ।

ଯେହେତୁ ଶରୀର ଠାରୁ ଶ୍ରେଷ୍ଠ ଇନ୍ଦ୍ରିୟ, ତେଣୁ ଇନ୍ଦ୍ରିୟମାନଙ୍କର ରାଜସିକ ଶକ୍ତି ଦ୍ୱାରା ଶରୀରର ତାମସିକତାକୁ ନିୟନ୍ତ୍ରଣ କରିବାକୁ ସଂଯମ କୁହାଯାଏ। ଇନ୍ଦ୍ରିୟଠାରୁ ଶ୍ରେଷ୍ଠ ମନ, ତେଣୁ ମନ ଦ୍ୱାରା ଇନ୍ଦ୍ରିୟର କାମନା ବାସନାକୁ ନିୟନ୍ତ୍ରଣ କରିବା ହେଉଛି ସଂଯମ। ମନ ଠାରୁ ଶ୍ରେଷ୍ଠ

ବୁଦ୍ଧି ଏବଂ ଏହି ଉଚ୍ଚତର ସାତ୍ତ୍ୱିକ ଶକ୍ତି ଦ୍ବାରା ମନର ଅଭିରୁଚି, ଅଭ୍ୟାସ ଓ ପରିକଳ୍ପନାକୁ ନିୟନ୍ତ୍ରଣ କରିବା ହେଲା ସଂଯମ। ବୁଦ୍ଧିର ଊର୍ଦ୍ଧ୍ବରେ ଅକ୍ଷର ପୁରୁଷ, ଏବଂ ଏହି ଉଚ୍ଚତର ଶକ୍ତି ସାହାଯ୍ୟରେ ବୁଦ୍ଧିର ସୀମିତ ଜ୍ଞାନ, ସୀମିତ ଆନନ୍ଦ ଓ ସୀମିତ ସଂଗତିକୁ  ଅତିକ୍ରମ କରିଯିବା ହେଉଛି ସଂଯମ।

Concentration ର ସଂଜ୍ଞା ହେଲା ଆତ୍ମାର ଶକ୍ତି ଓ ସାମର୍ଥ୍ୟକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ ସିଦ୍ଧି ନିମନ୍ତେ ବହୁଗୁଣିତ କରିବା। ସବୁ ପ୍ରକାର ପାର୍ଥିବ ସୁଖକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ସଂଯମ ଶକ୍ତି ବୃଦ୍ଧି ପାଏ। ଏହି ସଂଯମର ଉଦେଶ୍ୟ ହେଉଛି ଅଜ୍ଞାନତା ମଧ୍ୟରେ ଆତ୍ମବିସ୍ମୃତି ଓ ଜ୍ଞାନ ମଧ୍ୟରେ ଆତ୍ମାର ଆବିଷ୍କାର ଧାରାକୁ ପୁନରୁଦ୍ଧାର କରିବା, ପ୍ରକୃତି ଓ ଆତ୍ମାର ଆନନ୍ଦ ନିମନ୍ତେ।

**ଏକାଗ୍ରତାର ବହୁବିଧ ପରିସର**:- ଐକାନ୍ତିକ ଏକାଗ୍ରତା ହେଉଛି ପୂର୍ଣ୍ଣାଙ୍ଗ ଏକାଗ୍ରତାର ଏକ ସୀମିତ ବହିର୍ମୁଖୀ ସ୍ଥୂଳ ଏକାଗ୍ରତା। ମନ ଜଗତର ଏକାଗ୍ରତାକୁ ଐକାନ୍ତିକ ଏକାଗ୍ରତା କୁହାଯାଏ। ଏହି ଐକାନ୍ତିକ ଏକାଗ୍ରତା ପ୍ରଥମେ ଚାରି ଏବଂ ପରେ ବାର ଭାଗରେ ବିଭକ୍ତ। ଏହା ସାମଗ୍ରିକ ଜ୍ଞାନ ଠାରୁ ବିସ୍ମୃତ ହୋଇ ଓ ବିଚ୍ଛିନ୍ନ ହୋଇ ଆଶିଂକ ଜ୍ଞାନ ଓ ଆଶିଂକ ଚିନ୍ତାଧାରାକୁ ନେଇ ସଂକେନ୍ଦ୍ରିତ ହୋଇଥାଏ।

**ପ୍ରଥମ ଐକାନ୍ତିକ ଏକାଗ୍ରତା**:- ପ୍ରଥମ ଐକାନ୍ତିକ ଏକାଗ୍ରତାର ସଂଜ୍ଞା ହେଉଛି ଆତ୍ମା ଠାରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଏକ ବହିର୍ଜଗତର ଏକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ପୂର୍ଣ୍ଣ ସଂକେନ୍ଦ୍ରିତ ହେବା। ଏହି ପ୍ରଥମ ଐକାନ୍ତିକ ଏକାଗ୍ରତା ଦ୍ବାରା ଜଡ଼ ଜଗତର ସବୁ ରହସ୍ୟ ଉନ୍ମୋଚନ ହୁଏ। ଆଧୁନିକ ବିଜ୍ଞାନର ଯେତେ ସବୁ ନୂଆ ଆବିଷ୍କାର ଏହି ପ୍ରଥମ ଐକାନ୍ତିକ ଏକାଗ୍ରତା ଦ୍ବାରା ସମ୍ଭବ ହୋଇପାରିଛି। ପୂର୍ଣ୍ଣଯୋଗର ସାଧକ ଏହି ଏକାଗ୍ରତାକୁ ବ୍ୟବହାର କରି ଆମେ ରହୁଥିବା ସୀମିତ ସ୍ଥାନ ମଧ୍ୟକୁ ଅସୀମଙ୍କୁ ଓହ୍ଲାଇ ଆଣେ ଏବଂ ଏହି ପ୍ରଥମ ଐକାନ୍ତିକ ଏକାଗ୍ରତା ଆତ୍ମପ୍ରସାରଣରେ ସାହାଯ୍ୟ କରେ।

ଏହି  ପ୍ରଥମ ଐକାନ୍ତିକ ଏକାଗ୍ରତାକୁ ଅମେ **ଶ୍ରୀ ମା'ଙ୍କ** ଭାଷାରେ ଏହିପରି ବୁଝୁ:

"ଅଧ୍ୟୟନ ମନର ଏକାଗ୍ରତାକୁ ସୁଦୃଢ କରିଥାଏ ଏବଂ ଏହା ସଂଯମ ସାମର୍ଥ୍ୟକୁ ପ୍ରାଣିକ ଅବେଗ ଓ ପ୍ରାଣିକ କାମନାଠାରୁ ଦୂରେଇ ରଖେ । ଅଧ୍ୟୟନ ଉପରେ ଏକାଗ୍ର ହେବା ମନକୁ ଓ ପ୍ରାଣକୁ ନିୟନ୍ତ୍ରଣ କରିବାର ସବୁଠାରୁ ଶକ୍ତିଶାଳୀ ଉପାୟ; ସେଥିପାଇଁ ଆନ୍ତରିକ ଭାବରେ ବିଦ୍ୟା ଅଧ୍ୟୟନ କରିବା ଅତ୍ୟନ୍ତ ଜରୁରୀ ଅଟେ।" **The Mother**/TMCW-12/On Education/p-133,

**ଦ୍ବିତୀୟ ଐକାନ୍ତିକ ଏକାଗ୍ରତା:-** ଦ୍ବିତୀୟ ଐକାନ୍ତିକ ଏକାଗ୍ରତାର ସଂଜ୍ଞା ହେଉଛି ମନକୁ ବର୍ତ୍ତମାନର ପରିସର ମଧ୍ୟରେ ସଂକେନ୍ଦ୍ରିତ କରି ନିଜର ଅତୀତ ଓ ଭବିଷ୍ଯତ ଠାରୁ ବିସ୍ମୃତ ହେବା। ଏହି ଏକାଗ୍ରତା ଦ୍ବାରା ସେ ନିଜର ବର୍ହିଜୀବନର ବର୍ତ୍ତମାନ ସମୟର ବହୁବିଧ ସମସ୍ୟାକୁ ସମାଧାନ କରିବାକୁ ସର୍ମଥ ହେବ। ଏକ ପୂର୍ଣ୍ଣଯୋଗର ସାଧକ ଏହି ଦ୍ବିତୀୟ ଐକାନ୍ତିକ ଏକାଗ୍ରତାକୁ ବ୍ୟବହାର କରି କାଳାତୀତ ଶାଶ୍ବତଙ୍କୁ ମୂହୁର୍ତ୍ତକୁ ମୂହୁର୍ତ୍ତ ଆମ ହାତରୁ ଖସି ଯାଉଥିବା ସମୟ ମଧ୍ଯକୁ ଓହ୍ଲାଇ ଆଣେ।

**ତୃତୀୟ ଐକାନ୍ତିକ ଏକାଗ୍ରତା:-** ତୃତୀୟ ଐକାନ୍ତିକ ଏକାଗ୍ରତାର ସଂଜ୍ଞା ହେଉଛି ବାହ୍ୟଜଗତ ଠାରୁ ବିସ୍ମୃତ ହୋଇ ଅର୍ନ୍ତଜଗତ ମଧ୍ଯକୁ ପ୍ରବେଶ କରିବା। ଏକ ସାଧକ ଏହି ତୃତୀୟ ଐକାନ୍ତିକ ଏକାଗ୍ରତାକୁ ବ୍ୟବହାର କରି ଅନ୍ନମୟପୁରୁଷ, ପ୍ରାଣମୟପୁରୁଷ, ମନମୟପୁରୁଷ ଏବଂ ଚୈତ୍ୟପୁରୁଷକୁ ଆବିଷ୍କାର କରେ ଏବଂ ଆତ୍ମସଂକେନ୍ଦ୍ରଣର ଧାରାକୁ ବଜାୟ ରଖେ। **ଶ୍ରୀ ମା'ଙ୍କ** ଭାଷାରେ ଏହି ତୃତୀୟ ଐକାନ୍ତିକ ଏକାଗ୍ରତା ଦ୍ବାରା ଜଣେ ଚୈତ୍ୟ ଆତ୍ମାକୁ ଆବିଷ୍କାର କରିପାରିବ|

"ମୁଁ ଗତକାଲି ତୁମକୁ ଯାହା ବୁଝାଇଥିଲି ତାହା କର - ନିୟମିତ ଏବଂ ଶୃଙ୍ଖଳିତ ଭାବରେ ଅଧ୍ୟୟନ କରି ତୁମର ମସ୍ତିଷ୍କକୁ କାର୍ଯ୍ୟକ୍ଷମ କର; ତା'ପରେ ଯେଉଁ ସମୟରେ ତୁମେ ଅଧ୍ୟୟନ କରୁନାହଁ, ତୁମର ମସ୍ତିଷ୍କ ଯଥେଷ୍ଟ ପରିଶ୍ରମ କରିସାରିବା ପରେ ତୁମେ ବିଶ୍ରାମ ନେବାକୁ ସମର୍ଥ ହେବ ଏବଂ ଏହି ଅବସର ସମୟରେ ତୁମେ ତୁମ ହୃଦୟର ଗଭୀରତାରେ ଏକାଗ୍ର ହେବାରେ ସମର୍ଥ ହେବ ଏବଂ ସେଠାରେ ଚୈତ୍ୟ ସତ୍ତାର ଉତ୍ସକୁ ଆବିଷ୍କାର କରିବାକୁ ସମର୍ଥ ହେବ| ଚୈତ୍ୟ

ଆତ୍ମାକୁ ପାଇବାର ଲକ୍ଷଣ ହେଲା  ତୁମେ ଉଭୟ ଭଗବାନ୍ **ଙ୍କ** ପ୍ରତି  କୃତଜ୍ଞତା ଏବଂ ପ୍ରକୃତ ଅତ୍ୟଧିକ ସୁଖ ମଧ୍ୟରେ ବାସ କରିବାକୁ ସମର୍ଥ ହେବା"  **The Mother/**/TMCW-12/On Education/p-133,

**<u>ଚତୁର୍ଥ ଐକାନ୍ତିକ ଏକାଗ୍ରତା</u>:-** ଉପରୋକ୍ତ ତିନୋଟି ଏକାଗ୍ରତାର ମିଳନ ଦ୍ବାରା ଏହି ଚତୁର୍ଥ ଐକାନ୍ତିକ ଏକାଗ୍ରତା ଜନ୍ମ ନିଏ। ଏହି ଏକାଗ୍ରତା ଆତ୍ମାରେ ନୁହେଁ, ଆମର ଅରୁପାନ୍ତରିତ ପ୍ରକୃତି ମଧ୍ୟରେ ସଂଗଠିତ ହୋଇଥାଏ। ଏହି ଏକାଗ୍ରତାରେ ବର୍ତ୍ତମାନର ମୁହୂର୍ତ୍ତର subjective time ସହିତ objective space କୁ ଯୋଡେ। ଏହି ଚତୁର୍ଥ ଐକାନ୍ତିକ ଏକାଗ୍ରତା ଦ୍ବାରା ଆତ୍ମପ୍ରସାରଣ ଓ ଆତ୍ମସଂକେନ୍ଦ୍ରଣର ମିଳନ ହୋଇଥାଏ।

ମନର ଏହି ଚତୁର୍ବିଧ ଏକାଗ୍ରତା ତାମସିକ ମନ, ରାଜସିକ ମନ ଓ ସାତ୍ତ୍ୱିକ ମନ ମଧ୍ୟରେ କ୍ରିୟାଶୀଳ ହୋଇ ଏହା ବାର ଭାଗରେ ବିଭକ୍ତ ହୁଅନ୍ତି। ଏହି ବାରଟି ଏକାଗ୍ରତା ଆମକୁ ଆବଶ୍ୟକୀୟ ଚୈତ୍ୟ ଏକାଗ୍ରତାକୁ ଆବିଷ୍କାର କରିବାରେ ସାହାଯ୍ୟ କରେ।

**ଆବଶ୍ୟକୀୟ_ଚୈତ୍ୟ<u>_ଏକାଗ୍ରତା (Essential Concentration)</u>:-** ଆବଶ୍ୟକୀୟ ଚୈତ୍ୟ ଏକାଗ୍ରତାର ସଂଜ୍ଞା ହେଉଛି ଜଗତକୁ ଭୁଲି ନିଜର ଅନ୍ତରାତ୍ମାରେ ସାମଗ୍ରିକ ଭାବେ ଲୀନ ହୋଇଯିବା। ଏହି ଏକାଗ୍ରତା ବାହ୍ଯ ଜଗତ ପଛରେ ଥିବା ଏକ ବିଶାଳ ସୂକ୍ଷ୍ମ ଶରୀର, ସୂକ୍ଷ୍ମ ପ୍ରାଣ ଓ ସୂକ୍ଷ୍ମ ମନ ରୂପକ ଜଗତ ସହିତ ସଂପର୍କ କରାଇବା ଏବଂ ଚେତନାକୁ ଅତିଚେତନାର ନୀରବତା ଓ ନିଶ୍ଚେତନାର ତମିଶ୍ରା ମଧ୍ୟରେ ବିଚରଣ କରିବାର ସାମର୍ଥ୍ଯ ଆଣିବା, ଯାହାକି ଅରୁପାନ୍ତରିତ ପ୍ରକୃତିକୁ ଶୁଦ୍ଧ ଓ ରୂପାନ୍ତର କରାଏ। ଏହି ଆବଶ୍ୟକୀୟ ଚୈତ୍ୟ ଏକାଗ୍ରତା ଚେତନାର ଗତିକୁ ଉଚ୍ଚତମ ଆନନ୍ଦମୟ କୋଷ ମଧ୍ୟରୁ ନିମ୍ନତମ ନିଶ୍ଚେତନାର କୋଷ ପର୍ଯ୍ୟନ୍ତ ବିଚରଣ କରିବାକୁ ସାମର୍ଥ୍ଯ ଆଣିଦିଏ।

ଚାରୋଟି **ଚୈତ୍ୟ** ଓ ଆଧ୍ୟାତ୍ମିକ ଏକାଗ୍ରତା ହେଲେ;

ଦିବ୍ୟ ଜ୍ଞାନର ସ୍ବରୂପ **ଚୈତ୍ୟ** ଜଗତରେ ବ୍ରହ୍ମଶକ୍ତି,

ଆଧ୍ୟାତ୍ମିକ ଜଗତରେ ମାହେଶ୍ୱରୀ,

ଦିବ୍ୟ ଶକ୍ତିର ସ୍ବରୂପ **ଚୈତ୍ୟ** ଜଗତରେ କ୍ଷତ୍ରଶକ୍ତି,

ଆଧ୍ୟାତ୍ମିକ ଜଗତରେ ମହାକାଳୀ,

ଦିବ୍ୟ ପ୍ରେମର ସ୍ବରୂପ **ଚୈତ୍ୟ** ଜଗତରେ ବୈଶ୍ୟ ଶକ୍ତି,

ଆଧ୍ୟାତ୍ମିକ ଜଗତରେ ମହାଲକ୍ଷ୍ମୀ, ଏବଂ

ଦିବ୍ୟ ଇଚ୍ଛାର ସ୍ବରୂପ **ଚୈତ୍ୟ** ଜଗତରେ ଶୁଦ୍ରଶକ୍ତି,

ଆଧ୍ୟାତ୍ମିକ ଜଗତରେ ମହାସରସ୍ବତୀ।

**ବହୁବିଧ ଆଧ୍ୟାତ୍ମିକ ଏକାଗ୍ରତା (Multiple Concentration) :-** ଏହି essential concentration ର ଊର୍ଦ୍ଧ୍ବରେ multiple concentration ରହିଅଛି। ବହୁବିଧ ଆଧ୍ୟାତ୍ମିକ ଏକାଗ୍ରତା ହେଉଛି ଏକ ବୃହତ୍ ବିଶ୍ବକର୍ମ ନିମନ୍ତେ ନିଜର ଆତ୍ମା ବିଶ୍ବ ଆତ୍ମା ମଧ୍ୟରେ ତଲିନ୍ନ ହୋଇ ରହିବା। ଏହି ବହୁବିଧ ଏକାଗ୍ରତା ଦ୍ବାରା ନିଶ୍ଚେତନାରୁ ଆନନ୍ଦମୟ ଜଗତ ପର୍ଯ୍ୟନ୍ତ ସବୁ ଜଗତ ମଧ୍ୟରେ ଥିବା ଫାଟକୁ ଯୋଡି ହୁଏ।

**ସାମଗ୍ରୀକ ଏକାଗ୍ରତା (Integral Concentration):-** ଏହି multiple concentration ର ଊର୍ଦ୍ଧ୍ବରେ integral concentration ରହିଅଛି। ଏହା ଏଭଳି ଏକ ଏକାଗ୍ରତା ଯାହା ଏକଙ୍କ ମଧ୍ୟରେ ଆଶ୍ରିତ ହୋଇ ସମଗ୍ର ଜଗତ ମଧ୍ୟରେ କ୍ରିୟାଶୀଳ ହୁଏ। ଏହାର ସଂଜ୍ଞା ହେଉଛି ଆତ୍ମାର ତିନୋଟି ଅବସ୍ଥା ମଧ୍ୟରେ ପୂର୍ଣ୍ଣ ଭାବରେ ସଂକେନ୍ଦ୍ରିତ ହୋଇ ରହିବା। ଇଂରାଜୀରେ ଏହି ଆତ୍ମାର ତିନୋଟି ସୂତ୍ର ହେଲା:-

(1) All things are in *Brahman*.
(2) *Brahman* is in all things.
(3) All things are made up of *Brahman*.

ଅର୍ଥାତ୍, ଆତ୍ମାର ପ୍ରଥମ ଅବସ୍ଥା ହେଉଛି ସମସ୍ତଙ୍କ ମଧ୍ୟରେ ଆତ୍ମା (multiple Psychic beings) ଅବସ୍ଥିତ, ଆତ୍ମାର ଦ୍ବିତୀୟ ଅବସ୍ଥା ହେଉଛି ଏକ ଆତ୍ମା (one Spiritual Being) ସମସ୍ତଙ୍କ ମଧ୍ୟରେ ପରିବ୍ୟାପ୍ତ ଏବଂ ଆତ୍ମାର ତୃତୀୟ ଅବସ୍ଥା ହେଉଛି ସୃଷ୍ଟିର ସବୁ କିଛି ବସ୍ତୁ ଆତ୍ମା (Supramental being) ଦ୍ୱାରା ସୃଷ୍ଟ।

ଏହି ଏକାଗ୍ରତା ବିବର୍ତ୍ତନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଏ। ତେଣୁ ଆମ ଶରୀର ମଧ୍ୟରେ ଥିବା ଦଶ କୋଷକୁ ଶୁଦ୍ଧ, ରୂପାନ୍ତର ଏବଂ ପରିପୂର୍ଣ୍ଣ କରେ।

**<u>ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ</u>:-** ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ ହେଲା ସାମଗ୍ରିକ ପୂର୍ଣ୍ଣତା। ଏହି ପୂର୍ଣ୍ଣତାକୁ ୬×୪=୨୪ ଭାଗରେ ବିଭକ୍ତ କରାଯାଇଛି। ତେଣୁ ଏହି ପୂର୍ଣ୍ଣତାର ପ୍ରଥମ ସିଦ୍ଧି ହେଉଛି ସମତା। ସମତାର ଅର୍ଥ ହେଉଛି ତିନିଗୁଣର ଉର୍ଦ୍ଧ୍ୱରେ ବାସ କରିବା।

ସମତାର ଆଧିକ୍ୟ ହେଲେ ଜଣେ ବ୍ୟକ୍ତି ଶାନ୍ତି ଅନୁଭବ କରେ। ଶାନ୍ତି ଅଧିକ ସମୟ ବଳବତ୍ତର ହୋଇ ରହିଲେ ଜଣେ ନିର୍ମଳ ସୁଖକୁ ଅନୁଭବ କରେ ଏବଂ ଏହି ସୁଖ ଅଧିକ ସମୟ ବଳବତ୍ତର ହୋଇ ରହିଲେ ଜଣେ ହାସ୍ୟ କିମ୍ବା joy and laughter of the soul ଅବସ୍ଥାକୁ ପ୍ରାପ୍ତ ହୁଏ।

ଏହି ଅତ୍ୟଧିକ ସୁଖ ଆତ୍ମସ୍ଥ ମଣିଷର ସ୍ୱାଭାବିକ ଅବସ୍ଥା। ଏହି ଦୁଃଖ ଓ ନୈରାଶ୍ୟମୟ ଜଗତରେ ଅତ୍ୟଧିକ ସୁଖ ମଧ୍ୟରେ ବାସ କରିବାର ସାହସିକତା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଆହ୍ୱାନ।

ଏହା ସମ୍ଭବ ମଣିଷ ମଧ୍ୟରେ ଥିବା ଦଶ ଆତ୍ମାର ଜାଗ୍ରତ ହେବା ଦ୍ୱାରା। ଏହି ଦଶଟି ଜଗତରେ ଥିବା ଆତ୍ମାର ଆନନ୍ଦ ଯେତେବେଳେ ଆମର ସ୍ଥୂଳ ଚେତନାକୁ ସ୍ପର୍ଶ କରେ ସେତେବେଳେ ଆମେ ଅତ୍ୟଧିକ ଆନନ୍ଦ ଅନୁଭବ କରୁ। ଏହି ସୁଖକୁ ପରମପ୍ରଭୁ ଶ୍ରୀଅରବିନ୍ଦ ସାବିତ୍ରୀ ମହାକାବ୍ୟରେ ଅତିସୁନ୍ଦର ଭାବେ ସୂଚନା ଦେଇଛନ୍ତି।

ଜୀବନର ପୂର୍ଣ୍ଣତା ପାଇଁ ଭଗବାନଙ୍କର ଚତୁର୍ବିଧ ମିଳନ, ସେଗୁଡିକ ହେଲା:-

(୧) ଆତ୍ମା ସହ ପରମାତ୍ମାଙ୍କର ମିଳନ

- ରାଜା ଅଶ୍ୱପତି ନିଜର ଆତ୍ମାର ଦ୍ୱାର ଭାଙ୍ଗି ପରମାତ୍ମାଙ୍କ ସହ ଏକୀଭୂତ ହେଲେ।
- ସସୀମ ଜୀବାତ୍ମା ଅସୀମ ପରମାତ୍ମାଙ୍କ ସହ ଏକୀଭୂତ ହେଲେ।

(୨) ଜୀବାତ୍ମାଙ୍କ ସହ ଦିବ୍ୟଜନନୀଙ୍କର (ପରାପ୍ରକୃତି) ମିଳନ

- ଏକ ପ୍ରଚ୍ଛନ୍ନ ନୀରବତା ମଧ୍ୟରେ ଗୋଟିଏ ଆତ୍ମା ସକଳ ଆତ୍ମାଙ୍କ ସହ ମିଳନ ହେଲେ।

- ଭଗବାନଙ୍କର ଏକ ପ୍ରଚଣ୍ଡ ଆନନ୍ଦ ମଧ୍ୟରେ ଜଗତ ସହିତ ଏକ ପ୍ରଣୟ ବନ୍ଧନରେ ବାନ୍ଧି ହେଲେ।

(୩) ପରମାତ୍ମାଙ୍କ ସହ ପରାପ୍ରକୃତିର ମିଳନ

- ପରାପ୍ରକୃତିର ଗତିଶୀଳ ଚେତନା ପରମାତ୍ମାଙ୍କର ସ୍ଥିତିଜ ଚେତନା ସହ ଏକୀଭୂତ ହେବେ।
- ଏକ ଲମ୍ବାମଧୁର ମିଳନରେ ମୁଁ ପରମାତ୍ମା ଓ ତୁମେ ପରାପ୍ରକୃତି ଆବଦ୍ଧ।

(୪) ପରାପ୍ରକୃତି ସହ ଅପରାପ୍ରକୃତିର ମିଳନ

- ଜଡ଼ ଓ ଆତ୍ମା ପରସ୍ପର ମଧ୍ୟରେ ଅନୁପ୍ରବେଶ କରିଗଲେ ଏବଂ ଏକୀଭୂତ ହେଲେ।
- ଜଡ଼ ଏବଂ ଆତ୍ମା ଏକୀଭୂତ ହେଲେ।

ସମତାର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

ସମତା, ଶାନ୍ତି, ସୁଖ, ହାସ୍ୟ

ଶରୀରର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

ଆରୋଗ୍ୟଂ, ସୌନ୍ଦର୍ଯ୍ୟଂ, ଉତ୍ଥାପନା, ବିବିଧାନନ୍ଦଂ

ମନର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

ତ୍ରିକାଳଦୃଷ୍ଟି, ଅଷ୍ଟସିଦ୍ଧି, ଜ୍ଞାନଂ, ସମାଧି

ଶକ୍ତିର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

ବୀର୍ଯ୍ୟ, ଶକ୍ତି, ଦୈବୀପ୍ରକୃତି, ଶ୍ରଦ୍ଧା

କର୍ମର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

କୃଷ୍ଣ, କାଳୀ, କାମ, କର୍ମ

ବ୍ରହ୍ମଙ୍କର ଚତୁର୍ବିଧ ସଂକେନ୍ଦ୍ରଣ ହେଲା;

ସର୍ବଂବ୍ରହ୍ମ, ଅନନ୍ତଂବ୍ରହ୍ମ, ଜ୍ଞାନଂବ୍ରହ୍ମ, ଆନନ୍ଦଂବ୍ରହ୍ମ

ଦିବ୍ୟ ଜୀବନର କେନ୍ଦ୍ରୀୟ ସତ୍ୟ ହେଉଛି ଚେତନା, ପୂର୍ଣ୍ଣାଙ୍ଗ ଶିକ୍ଷାର କେନ୍ଦ୍ରୀୟ ସତ୍ୟ ସଂଯମ ଏବଂ ପୂର୍ଣ୍ଣ ଯୋଗର କେନ୍ଦ୍ରୀୟ ସତ୍ୟ ସମର୍ପଣ ମଧ୍ୟରେ ଏକ ନିବିଡ଼ ସଂପର୍କ ରହିଛି। ସଂଯମ ଶକ୍ତିର ବୃଦ୍ଧି ଦ୍ବାରା ଚେତନା ଗତିଶୀଳ ହୁଏ ଏବଂ ଏହି ସଂଯମ ଶକ୍ତିର ବୃଦ୍ଧି ଦ୍ବାରା ସମର୍ପଣ

ବହୁଗୁଣିତ ହୁଏ। ପୂର୍ଣ୍ଣ ଯୋଗର ସମର୍ପଣ ଦୁଇ ଭାଗରେ ବିଭକ୍ତ, ଗୋଟିଏ ହେଲା ପୁରୁଷ ଯଜ୍ଞ ଓ ଦ୍ବିତୀୟଟି ହେଲା ପ୍ରକୃତି ଯଜ୍ଞ। ପୁରୁଷ ଯଜ୍ଞ ଦ୍ବାରା ଆତ୍ମାର ପ୍ରଥମେ ଆରୋହଣ ହୋଇ ଶକ୍ତିର ଅବତରଣ ହୁଏ ଏବଂ ପ୍ରକୃତି ଯଜ୍ଞ ଦ୍ବାରା ଶକ୍ତିର ପ୍ରଥମେ ଅବତରଣ ହୋଇ ଆତ୍ମାର ଆରୋହଣ ହୁଏ। ପୁରୁଷ ଯଜ୍ଞ ଭଗବାନଙ୍କ ସହ ମିଳନରୁ ଆରମ୍ଭ ହୁଏ ଏବଂ ପ୍ରକୃତି ଯଜ୍ଞ ଦିବ୍ୟଜନନୀଙ୍କ ସହ ମିଳନରୁ ଆରମ୍ଭ ହୁଏ। ଯେଉଁ ସାଧକ ଏହି ପୁରୁଷ ଯଜ୍ଞ ଓ ପ୍ରକୃତି ଯଜ୍ଞ ଉଭୟକୁ ପରିପୂରକ ଭାବରେ ଉପଯୋଗ କରିପାରନ୍ତି ସେ ହେଲେ ସଫଳ ପୂର୍ଣ୍ଣ ଯୋଗୀ।

ଏହା ହିଁ ହେଉଛି ଦିବ୍ୟଜୀବନର ପରମ ମଧୁର ରହସ୍ୟ।


1. ପୃଥିବୀ ଅତ୍ୟଧିକ ସୁଖର ଏକ ନିଷିଦ୍ଧ କ୍ଷେତ୍ର। ତେଣୁ ଏହି ଅତ୍ୟଧିକ ସୁଖର ପୂନରୁଦ୍ଧାର କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ଆହ୍ବାନ ଏବଂ ଦୁଃସାହସିକତା।
2. ଶାରିରୀକ ଶିକ୍ଷା ଦ୍ବାରା ଆମ ମଧ୍ୟରେ ଅନ୍ନମୟ ପୁରୁଷ ଜାଗ୍ରତ ହୁଅନ୍ତି। ଅନ୍ନମୟ ପୁରୁଷଙ୍କ ସ୍ପର୍ଶରେ ଆମର ସ୍ଥୁଳ ଶରୀର ବହୁବିଧ ଆନନ୍ଦରେ ରୂପାନ୍ତରିତ ହୁଏ।
3. ପ୍ରାଣିକ ପ୍ରଶିକ୍ଷଣ ଦ୍ବାରା ପ୍ରାଣମୟ ପୁରୁଷ ଜାଗ୍ରତ ହୁଅନ୍ତି ଏବଂ ଏହା ଇନ୍ଦ୍ରିୟମାନଙ୍କୁ ଶାଶ୍ବତ ସୁଖର ସ୍ପର୍ଶ ଦିଅନ୍ତି।
4. ମନମୟ ପୁରୁଷ ଉନ୍ମୋଚନ ହେବା ଦ୍ବାରା ମନର ଅର୍ଦ୍ଧ ଆଲୋକିତ ଜଗତ ସକଳ ପୂର୍ଣ୍ଣ ଆଲୋକିତ ହୁଅନ୍ତି। ସେହିଠାରେ ଭୁଲଭ୍ରାନ୍ତି କିଛି ଆସେନାହିଁ, ଯେଉଁଠାରେ ଆଲୋକ ଓ ପ୍ରେମର ଉପସ୍ଥିତ ଥାଏ।
5. ଚୈତ୍ୟ ପ୍ରଶିକ୍ଷଣ ଦ୍ବାରା ଚୈତ୍ୟ ପୁରୁଷ ଜାଗ୍ରତ ହୁଅନ୍ତି, ଯାହାଙ୍କର ମୂହୁର୍ତ୍ତକର ମଧୁର ସ୍ପର୍ଶ ଆମ ଜୀବନରେ ଅଭୁଲା ସ୍ମୃତି ହୋଇ ରହେ।
6. ସେହିପରି ଆଧ୍ୟାତ୍ମିକ ଶିକ୍ଷାର ପ୍ରଶିକ୍ଷଣ ଦ୍ବାରା ଏହା ଏଭଳି ଏକ ନୈର୍ବ୍ୟକ୍ତିକ ଆନନ୍ଦ, ଯାହାର ସ୍ବାଦ ଜୀବନରେ ବିରଳ।
7. ଆଧ୍ୟାତ୍ମିକ ଶିକ୍ଷାର ଜଗତିକରଣ ଦ୍ବାରା ବିଶ୍ୱ ଆତ୍ମା ଉନ୍ମୋଚିତ ହୁଏ Universal Education is ‘A constant touch of sweetness that linked all

hearts' (ସାବିତ୍ରୀ-୨୯୧) and "Thrilled with the hidden Transcendent's joy and peace.' (ସାବିତ୍ରୀ-୩୧୮-୩୧୯)

8. ଅତିମାନସର ଦୁର୍ଲଭ ପ୍ରଶିକ୍ଷଣ ଜଗତର ସବୁ ନିମ୍ନ ପ୍ରକୃତିକୁ ସେ ପୂର୍ଣ୍ଣ ରୂପାନ୍ତରିତ କରିପାରନ୍ତି ଓ ଅବଚେତନ ଆତ୍ମାର ଦ୍ବାର ଉନ୍ମୋଚନ ହୁଏ।
9. ଅବଚେତନାର ପ୍ରଶିକ୍ଷଣ ଦ୍ବାରା ଅବଚେତନ ଆତ୍ମାର ଉନ୍ମୋଚନ ଘଟେ, ଯାହାର ପୃଥିବୀକୁ ରକ୍ଷା କରିବାର ସାମର୍ଥ୍ୟ ରହିଛି। ଅବଚେତନ ଆତ୍ମାର ସ୍ପର୍ଶରେ ସ୍ନାୟୁ, କୋଷ, ଟିସୁ ଆଦି ଆନନ୍ଦର ସ୍ପର୍ଶ ପାଇ ପୁଲକିତ ହୁଅନ୍ତି ଏବଂ ଅବଚେତନାର ଅନ୍ଧକାରକୁ ଆଲୋକିତ କରିପାରନ୍ତି।
10. ନିଶ୍ଚେତନାର ପ୍ରଶିକ୍ଷଣ ଦ୍ବାରା ନିଶ୍ଚେତନ ଆତ୍ମା ଜାଗ୍ରତ ହୁଏ। ଏହି ଆତ୍ମା ସକଳ ସମସ୍ୟାର ସର୍ବୋତ୍ତମ ସମାଧାନ ଆଣିଦିଏ। ଏହି ଆତ୍ମା ଜଗତକୁ ପୁନର୍ଗଠନ କରିପାରେ।


*ଓମ୍ ତତ୍ ସତ୍*





La vérité centrale de l'éducation intégrale (Central truth of Integral Education)
Integral Concentration
Concentration of Divine Wisdom
Concentration of Divine Power
Concentration of Divine Love
Concentration of Divine Will
1st Exclusive concentration of Tamasic Mind
1 Exclusive concentration of Rajasic Mind
1st Exclusive concentration of Sattvic Mind
2nd Exclusive concentration of Tamasic Mind
2nd Exclusive concentration of Rajasic Mind
2nd Exclusive concentration of Sattvic Mind
3rd Exclusive concentration of Tamasic Mind
3rd Exclusive concentration of Rajasic Mind
3rd Exclusive concentration of Sattvic Mind
4th Exclusive concentration of Tamasic Mind
4th Exclusive concentration of Rajasic Mind
4th Exclusive concentration of Sattvic Mind
Concentration of Fourfold Perfection of Equality
Concentration of Fourfold Perfection of Body
Concentration of Fourfold Perfection of Mind
Concentration of Fourfold Perfection of Shakti
Concentration of Fourfold Perfection of Action
The central circle represents Integral Concentration
Four Petals of Spiritual and Psychic Concentration
12 petals of Mental Concentration
24 Concentrations of Divine Perfection

# Mind Map of Central Truth of Integral Education




**The central circle represents Integral Concentration**
**Four Petals of Spiritual and Psychic Concentrations**
**12 petals of Mental Concentration**
**24 Concentrations of Divine Perfection**

**Integral (Supramental) Concentration, *Samjnana*, is the central Truth of Integral Education.**

**Intermediate Concentrations are Mental, *samyama*, Psychic, *atma-samyama* and Spiritual, *Adhyatma-samyama.***

**Four Psychic and Spiritual Concentrations are:**

**1: *Brahma Shakti* and *Maheswari* of Divine Wisdom**

**2: *Kshetra Shakti* and *Mahakali* of Divine Power**

**3: *Vaisya Shakti* and *Mahalakshmi* of Divine Love, Delight and Beauty**

**4: *Shudra Shakti* and *Mahasaraswati* of Divine Will**

**Integral Perfection is the aim of Integral Education.**

**Twenty four Concentrations of Divine Perfection are taken from *sapta-chatustaya*:**

**Concentration of Fourfold Perfection of Equality: *Samata*, *Shanti, Sukha and Hasya*.**

**Concentration of Fourfold Perfection of Body: *Arogyam, Utthapana, Saundaryam, Vividhanandah*.**

**Concentration of Fourfold Perfection of Mind and Supermind: *Jnanam, Trikala Dristi, Asta Siddhi* and *Samadhi*.**

**Concentration of Fourfold Perfection of Shakti: *Viryam, Shaktih, Daivi Prakriti, Sraddha*.**


**Concentration of Fourfold Perfection of Action: *Krishnah, Kali, Kamah, Karma*.**

**Concentration of Fourfold Perfection of Brahman: *Sarvam Brahma, Anantam Brahmah, Jnanam Brahmah, Anandam Brahmah*.**


**The difficult task of Integral Education is discovery of Physical, Vital, Mental, Psychic, Spiritual, Universal, Supramental and Bliss Self.**

**The more difficult task of Integral Education is transformation of three Inconscient energies of *tamas*, *rajas* and *sattwa* and discovery of Subconscient and Inconscient Self.**

**The most difficult task of Integral Education is Subconscient transformation by Spirit travelling back and forward in Time and illumining all the dark Subconscient domains of this life and past lives in waking, non-waking, intense waking and intense non-waking Trance.**



Life's flowering is dependent on degree of rejection of falsehood, ignorance and rejection of 'the slavery of the human way of thinking and acting.'



ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,

# ଶ୍ରୀ ମା'ଙ୍କ ଆଦର୍ଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ


Managed by The Mother's International Centre Trust,

Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦

Via: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ଭାରତ

https://www.srimatriniketanashram.com

https://www.srimatriniketanashram.com/education/odia-section